# ସମାଜ

# ତାରିଖ: ୧୩.୦୭.୨୦୧୮

## ବି.ଆଇ.ଆଇ.ଟି.ଏମ୍‌ରେ ଆଲୋଚନାଚକ୍ର

ଭୁବନେଶ୍ୱର : ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଇ.ଟି ଆଣ୍ଡ ମ୍ୟାନେଜମେଣ୍ଟରେ ବିଜିନେସ ଟ୍ରାନ୍ସଫର୍ମେସନ ଥ୍ରୁ ଇନୋଭେସନ ଆଣ୍ଡ ଷ୍ଟ୍ରାଟେଜି ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପି.କେ.ତ୍ରିପାଠୀ ସାଂପ୍ରତିକ ବ୍ୟାବସାୟିକ ସଙ୍କଟ ଓ ସ୍ଥିତିକୁ ଦୃଷ୍ଟିରେ ରଖି ପରିବର୍ତ୍ତନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଆଲୋଚନାଚକ୍ରରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ. ସୂର୍ଯ୍ୟକୁମାର ମିଶ୍ର ଯୋଗଦେଇ ନିଜର ମତ ରଖିଥିଲେ । ଏଥିରେ ଅଲଟ୍ରାଟେକ୍ ସିମେଣ୍ଟର ସିନିୟର ଭାଇସ ପ୍ରେସିଡ଼େଣ୍ଟ ଅମିତାଭ ପାଣ୍ଡେ ବକ୍ତାଭାବେ ଓ ଟିସିଏସ୍‌ର ସିନିୟର ମ୍ୟାନେଜର ମନୋରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଅନୁଷ୍ଠାନର ଉପଦେଷ୍ଟା ଏକାଡ଼େମିକ ଇଂ. ପି.ଆର.ପଟ୍ଟନାୟକ ଅଧ୍ୟାପକଙ୍କୁ ଗବେଷଣାର ଫଳାଫଳକୁ ଅଧ୍ୟାପନା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବାକୁ ମତ ଦେଇଥିଲେ । ସହକାରୀ ପ୍ରଫେସର ଜୟଲକ୍ଷ୍ମୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଏମ୍‌ବିଏ ଡିନ୍ ଡ. ଅନୁପକୁମାର ସାମନ୍ତରାୟ ଓ ପ୍ରମୁଖ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ଆଇ.ଏମ୍.ଆଇର ଆସୋସିଏଟ୍ ପ୍ରଫେସର ଡଃ ମନିତ କୁମାର ମିଶ୍ର ଯୋଗଦେଇଥିଲେ ।